# NATIONAL NEWS BULLETIN (ODIA)

## 16 December - 2025

## Morning Bulletin : 7.15 a.m.

**********************************

# ମୁଖ୍ୟ ସମ୍ବାଦ

- ଜୋର୍ଡ଼ାନ୍ ରାଜାଙ୍କ ସହ ଗତକାଲି ଅମ୍ମାନ୍ ଠାରେ ପ୍ରତିନିଧି ସ୍ତରୀୟ ଆଲୋଚନାରେ ଅଂଶଗ୍ରହଣ କଲେ ପ୍ରଧାନମନ୍ତ୍ରୀ ।
- କର୍ଣ୍ଣାଟକ, ତାମିଲନାଡୁ ଏବଂ ତେଲଙ୍ଗାନାକୁ ଆଜିଠାରୁ ୭ ଦିନିଆ ଗସ୍ତରେ ଯିବେ ରାଷ୍ଟ୍ରପତି ।
- ୧୯୭୧ ମସିହା ପାକିସ୍ତାନ ବିପକ୍ଷରେ ଭାରତର ଯୁଦ୍ଧ ବିଜୟକୁ ସ୍ମରଣ କରି ଆଜି ପାଳନ କରାଯାଉଛି ବିଜୟ ଦିବସ ।
- ରୁଷ ବିପକ୍ଷ ଯୁଦ୍ଧରେ ୟୁକ୍ରେନ୍‌କୁ ନିଶ୍ଚିତ ସୁରକ୍ଷା ଗ୍ୟାରେଣ୍ଟି ପ୍ରଦାନ କରିବାକୁ ଆମେରିକା ସହମତ ।

ଏବଂ

- ୧୯ ବର୍ଷରୁ କମ୍ ଏସିଆକପ୍ କ୍ରିକେଟ୍‌ର ଗ୍ରୁପ୍ ପର୍ଯ୍ୟାୟ ଖେଳରେ ଆଜି ପରସ୍ପରକୁ ଭେଟିବେ ଭାରତ ଓ ମାଲେସିଆ ।

# ପିଏମ୍-ଥ୍ରୀ ନେସନ୍ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତକାଲି ଅମ୍ମାନ୍ ଠାରେ  ଜୋର୍ଡ଼ାନ୍‌ର ରାଜା ଅବଦୁଲ୍ଲା ଦ୍ୱିତୀୟ ଇ-ବିନ୍ ଅଲ୍ ହୁସେନ୍‌ଙ୍କ ସହ ପ୍ରତିନିଧି ସ୍ତରୀୟ ଆଲୋଚନା କରିଛନ୍ତି । ଦୁଇ ଦେଶ ମଧ୍ୟରେ କୂଟନୈତିକ ସମ୍ପର୍କର ୭୫ ବର୍ଷ ପାଳନ ପରିପ୍ରେକ୍ଷୀରେ ଦୃଢ଼ ସହଭାଗିତା ଉପରେ ମତବିନିମୟ ହୋଇଛି । ଆତଙ୍କବାଦ ବିରୁଦ୍ଧରେ ଜୋର୍ଡ଼ାନ୍‌ର ଦୃଢ଼ ଆଭିମୁଖ୍ୟକୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିବା ସହ କହିଛନ୍ତି, ଅମ୍ମାନ୍ ଏବଂ ନୂଆଦିଲ୍ଲୀ ଏ ଦିଗରେ ସମାନ ପଦକ୍ଷେପ ଗ୍ରହଣ କରନ୍ତି । ୨୦୧୫ ଜାତିସଂଘ ବୈଠକ ପରିପ୍ରେକ୍ଷୀରେ ଜୋର୍ଡ଼ାନ୍ ରାଜାଙ୍କ ସହ ପ୍ରଥମ ବୈଠକକୁ ସ୍ମରଣ କରି ପ୍ରଧାନମନ୍ତ୍ରୀ ବିଭିନ୍ନ କ୍ଷେତ୍ରରେ ବିକାଶକୁ ପ୍ରୋତ୍ସାହନ କରିବାରେ ରାଜା ଅବଦୁଲ୍ଲା ଦ୍ୱିତୀୟଙ୍କ ନେତୃତ୍ୱକୁ ପ୍ରଶଂସା କରିଛନ୍ତି ।

**V/O**

ଶ୍ରୀ ମୋଦି କହିଛନ୍ତି, ଦ୍ୱିପାକ୍ଷିକ ସମ୍ପର୍କକୁ ମଜବୁତ୍ କରିବା ଲକ୍ଷ୍ୟ ନେଇ ବିଭିନ୍ନ ମାର୍ଗ ଉନ୍ମୋଚନ କ୍ଷେତ୍ରରେ ଉଭୟ ଦେଶ ପ୍ରୟାସ ଜାରି ରଖିଛନ୍ତି ।

ଭାରତ ଜୋର୍ଡ଼ାନ୍‌ର ତୃତୀୟ ବୃହତମ ବାଣିଜ୍ୟିକ ଅଂଶିଦାର ଏବଂ ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ୨ ଦଶମିକ୍ ୮ ବିଲିୟନ୍ ଡଲାର୍‌ରେ ପହଞ୍ଚିଛି । ଆସନ୍ତା ୫ ବର୍ଷ ମଧ୍ୟରେ ଏହାକୁ ୫ ବିଲିୟନ୍ ଡଲାର୍‌କୁ ବୃଦ୍ଧି କରିବା ଲକ୍ଷ୍ୟ ନେଇ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଏକ ମହତାକାଂକ୍ଷି ପ୍ରସ୍ତାବ ପ୍ରଦାନ କରିଛନ୍ତି । ଗସ୍ତର ଦ୍ୱିତୀୟ ଦିବସରେ ଆଜି ଶ୍ରୀ ମୋଦୀ ଜୋର୍ଡ଼ାନ୍-ଭାରତ ବାଣିଜ୍ୟିକ ଫୋରମ୍‌ରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

ଗସ୍ତର ଦ୍ୱିତୀୟ ପର୍ଯ୍ୟାୟରେ ଶ୍ରୀ ମୋଦୀ ଆଜି ସନ୍ଧ୍ୟାରେ ଜୋର୍ଡ଼ାନ୍ ଗସ୍ତ ଶେଷ କରି ଇଥିଓପିଆ ରାଜଧାନୀ ଆଦିସ୍ ଆବାବାକୁ ଯାତ୍ରା କରିବେ । ସେଠାରେ ଇଥିଓପିଆ ପ୍ରତିପକ୍ଷ ଡକ୍ଟର ଆବି ଅହମ୍ମଦ ଅଲିଙ୍କ ସହ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ନେଇ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି ।

# ପ୍ରେଜ୍ ଭିଜିଟ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜିଠାରୁ କର୍ଣ୍ଣାଟକ, ତାମିଲ୍‌ନାଡୁ ଏବଂ ତେଲଙ୍ଗାନାକୁ ଗସ୍ତରେ ଯିବେ । ସାତଦିନିଆ ଏହି ଗସ୍ତର ପ୍ରଥମ ପର୍ଯ୍ୟାୟରେ ରାଷ୍ଟ୍ରପତି ମୁର୍ମୁ ଆଜି କର୍ଣ୍ଣାଟକର ମାଲାଭାଲ୍ଲିଠାରେ ଆଦି ଜଗତ୍‌ଗୁରୁ ଶ୍ରୀ ଶିବରାତ୍ରିଶ୍ୱର ଶିବଯୋଗୀ ମହାସ୍ୱାମିଜୀଙ୍କ ୧ ହଜାର ୬୬ତମ ଜୟନ୍ତୀ ସମାରୋହର ଶୁଭାରମ୍ଭ କରିବେ ।

ଆସନ୍ତାକାଲି ତାମିଲ୍‌ନାଡୁର ଭେଲୋରସ୍ଥିତ ସ୍ୱର୍ଣ୍ଣମନ୍ଦିରରେ ରାଷ୍ଟ୍ରପତି ଦର୍ଶନ ଓ ଆରତି କରିବାର କାର୍ଯ୍ୟସୂଚୀ ରହିଛି । ପରେ ସିକନ୍ଦରାବାଦର ବୋଲାରମ୍‌ସ୍ଥିତ ରାଷ୍ଟ୍ରପତିଙ୍କ ଶୀତକାଳୀନ ଭବନ ରାଷ୍ଟ୍ରପତି ନିଳୟମ୍‌ରେ ପହଞ୍ଚିବେ । ଆସନ୍ତା ୧୯ ତାରିଖରେ ହାଇଦ୍ରାବାଦଠାରେ ତେଲଙ୍ଗାନା ଲୋକସେବା ଆୟୋଗଦ୍ୱାରା ଆୟୋଜିତ ଜାତୀୟ ଅଧ୍ୟକ୍ଷ ସମ୍ମିଳନୀକୁ ରାଷ୍ଟ୍ରପତି ଉଦ୍‌ଘାଟନ କରିବେ । ୨୦ ତାରିଖରେ ହାଇଦ୍ରାବାଦଠାରେ ରାଷ୍ଟ୍ରପତି ବ୍ରହ୍ମାକୁମାରୀ ଶାନ୍ତି ସରୋବର ଦ୍ୱାରା ଆୟୋଜିତ 'ଭାରତର କାଳଜୟୀ ଜ୍ଞାନ, ଶାନ୍ତି ଓ ପ୍ରଗତି ପଥ' ଶୀର୍ଷକ ସମ୍ମିଳନୀକୁ ସମ୍ବୋଧନ କରିବାର କାର୍ଯ୍ୟସୂଚୀ ରହିଛି ।

# ବିଜୟ ଦିବସ ଆଟ୍ ହୋମ୍

୧୯୭୧ ମସିହାରେ ପାକିସ୍ତାନ ବିପକ୍ଷରେ ଭାରତର ଯୁଦ୍ଧ ବିଜୟକୁ ସ୍ମରଣ କରି ଆଜି ବିଜୟ ଦିବସ ପାଳନ କରାଯାଉଛି । ଦେଶ ପାଇଁ ସର୍ବୋଚ୍ଚ ବଳୀଦାନ ଦେଇଥିବା ଯବାନଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିବା ସହ ଏହି ବିଜୟ ଦେଶବାସୀଙ୍କୁ ପ୍ରେରଣା ପ୍ରଦାନ କରିଥାଏ ।

୧୯୭୧ ମସିହା ଆଜିର ଦିନରେ ପାକିସ୍ତାନୀ ସେନାର ମୁଖ୍ୟ ଜେନେରାଲ୍ ଏ.ଏ. ଖାନ୍ ନିଆଦି ୯୩ ହଜାର ସୈନିକଙ୍କ ସହିତ ଭାରତୀୟ ସେନା ଏବଂ ମୁକ୍ତି ବାହିନୀକୁ ନେଇ ଗଠିତ ମିତ୍ର ବାହିନୀ ନିକଟରେ ନିସର୍ତ୍ତ ଆତ୍ମସମର୍ପଣ କରିଥିଲା । ଯୁଦ୍ଧର ପରିଣାମ ସ୍ୱରୂପ ପୂର୍ବ ପାକିସ୍ତାନ ବାଂଲାଦେଶ ରାଷ୍ଟ୍ରରେ ପରିଣତ ହୋଇଥିଲା ।

ଦିବସ ପାଳନର ଅବ୍ୟବହିତ ପୂର୍ବରୁ ଗତ ସନ୍ଧ୍ୟାରେ ନୂଆଦିଲ୍ଲୀ ଆର୍ମି ହାଉସ୍ ଠାରେ ଭାରତୀୟ ସେନା ପକ୍ଷରୁ 'ବିଜୟ ଦିବସ ଆଟ୍ ହୋମ୍' କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏଥିରେ ଯୋଗ ଦେଇଥିଲେ । ଭାରତୀୟ ସେନାର ଆଧୁନିକ, ଅଭିନବ ଏବଂ ଆତ୍ମନିର୍ଭରଶୀଳ ଶକ୍ତି କ୍ଷେତ୍ରକୁ ଏହି କାର୍ଯ୍ୟକ୍ରମରେ ପ୍ରଦର୍ଶନ କରାଯାଇଥିଲା । ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି, ପ୍ରଯୁକ୍ତିବିଦ୍ୟା ଆଧାରିତ ସ୍ୱଦେଶୀ ନିର୍ମିତ ସାମଗ୍ରୀ ପ୍ରଦର୍ଶନ ଭାରତୀୟ ଯବାନ, ଇଞ୍ଜିନିୟର, ଷ୍ଟାର୍ଟଅପ୍ ଏବଂ ଶିକ୍ଷାନୁଷ୍ଠାନ ଜାତୀୟ ସୁରକ୍ଷାକୁ ମଜବୁତ କରିବାରେ ମିଳିମିଶି କାର୍ଯ୍ୟ କରୁଥିବା ପ୍ରତିଫଳିତ କରୁଛି । ଏହି କାର୍ଯ୍ୟକ୍ରମ ଦେଶର ବ୍ୟାପକ ବିଶ୍ୱ ପ୍ରତିରକ୍ଷା ସମ୍ପର୍କ ଏବଂ ସ୍ୱଦେଶୀ ସାମରିକ ପ୍ରଯୁକ୍ତିବିଦ୍ୟା ପ୍ରତି ବୃଦ୍ଧି ପାଉଥିବା ଆନ୍ତର୍ଜାତିକ ବିଶ୍ୱାସକୁ ପ୍ରତିପାଦନ କରୁଛି ବୋଲି ମନ୍ତ୍ରଣାଳୟ କହିଛି ।

# ୟୁକ୍ରେନ୍ ସିକ୍ୟୁରିଟି ଗ୍ୟାରେଣ୍ଟି

ରୁଷ ବିପକ୍ଷ ଯୁଦ୍ଧରେ ୟୁକ୍ରେନ୍‌କୁ ନିଶ୍ଚିତ ସୁରକ୍ଷା ଗ୍ୟାରେଣ୍ଟି ଆମେରିକା ପ୍ରଦାନ କରିବାକୁ ସହମତ ହୋଇଛି । ବର୍ଲିନ୍ ଠାରେ ଗତକାଲି ୟୁକ୍ରେନ୍ ରାଷ୍ଟ୍ରପତି ଭୋଲଦିମିର୍ ଜେଲେନେସ୍କିଙ୍କ ସହ ଆମେରିକା ପ୍ରତିନିଧି ମଣ୍ଡଳୀର ଆଲୋଚନା ପରେ ଏହି ଘୋଷଣା କରାଯାଇଛି । ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ପ୍ରତିନିଧି ଷ୍ଟିଭ୍ ଓ୍ୱିଟ୍‌କଫ୍ ଏବଂ ଜାରେଡ୍ କୁସନ୍‌ରଙ୍କ ସହ ଜେଲେନେସ୍କିଙ୍କ ଆଲୋଚନା ପରେ ସୁରକ୍ଷା ଗ୍ୟାରେଣ୍ଟି ସମ୍ପର୍କ ସୂଚନା କିଭ୍ ପକ୍ଷରୁ ପ୍ରଦାନ କରାଯାଇଛି ।  ବର୍ଲିନ୍ ଠାରେ ୟୁରୋପୀୟ ନେତା କହିଛନ୍ତି, ଆମେରିକା ପ୍ରଦାନ କରିଥିବା ନିଶ୍ଚିତ ସୁରକ୍ଷା ଗ୍ୟାରେଣ୍ଟି କ୍ଷେତ୍ରରେ ସେମାନେ ମିଳିମିଶି କାମ କରିବାକୁ ପ୍ରତିବଦ୍ଧ ।

ରାଷ୍ଟ୍ରପତି ଜେଲେନେସ୍କି କହିଛନ୍ତି, ଆମେରିକା ଏବଂ ଅନ୍ୟ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ନାଟୋ ସଦସ୍ୟ ଦେଶ ଗୁଡ଼ିକୁ ପ୍ରଦାନ କରାଯାଉଥିବା ସୁରକ୍ଷା ଗ୍ୟାରେଣ୍ଟିକୁ କିଭ୍‌କୁ ପ୍ରଦାନ କରନ୍ତି ତେବେ ୟୁକ୍ରେନ୍ ନାଟୋରେ ସାମିଲ ହେବାକୁ ପଦକ୍ଷେପ ଗ୍ରହଣ କରିବ ।

# ସୀତାରମଣ

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି, ଭାରତ ୮ ଦଶମିକ୍ ୨ ପ୍ରତିଶତ ଅଭିବୃଦ୍ଧି ହାର ସହିତ ବିଶ୍ୱର ସବୁଠାରୁ ଗତିଶୀଳ ଅର୍ଥନୈତିକ ରାଷ୍ଟ୍ର ହେବାକୁ ଯାଉଛି । ଲୋକସଭାରେ ଗତକାଲି ଆଗତ ଚଳିତ ଆର୍ଥିକ ବର୍ଷ ପାଇଁ

୧ ଲକ୍ଷ ୩୨ ହଜାର କୋଟି ଟଙ୍କାର ଅତିରିକ୍ତ ଖର୍ଚ୍ଚଦାବି ଆଲୋଚନାରେ ଅଂଶଗ୍ରହଣ କରି ଅର୍ଥମନ୍ତ୍ରୀ କହିଛନ୍ତି, ଭାରତର ସକରାତ୍ମକ ଅର୍ଥନୈତିକ ଅଭିବୃଦ୍ଧି ସମ୍ପର୍କରେ ବିଶ୍ୱର ତିନୋଟି ପ୍ରମୁଖ ସଂସ୍ଥା ସେମାନଙ୍କର ମୂଲ୍ୟାଙ୍କନ ତଥ୍ୟ ଉପସ୍ଥାପନ କରିଛନ୍ତି । ଇଲେକ୍ଟ୍ରୋନିକ୍ସ, ଔଷଧ, ଇଞ୍ଜିନିୟରିଂ ସାମଗ୍ରୀ, ପ୍ରତିରକ୍ଷା ଭଳି ରପ୍ତାନୀ କ୍ଷେତ୍ରରେ ଭାରତ ଦ୍ରୁତ ଅଗ୍ରଗତି କରୁଛି । ସମ୍ପତ୍ତି ମାଲିକାନା କ୍ଷେତ୍ରରେ ଦେଶରେ ରହିଥିବା ଅସମାନତା ବହୁ ପରିମାଣରେ ହ୍ରାସ ପାଇଛି ।

୨୦୧୪-୧୫ ମସିହା ପରଠାରୁ ଦେଶର ପ୍ରତିରକ୍ଷା କ୍ଷେତ୍ର ପାଇଁ ୫୩ ଦଶମିକ୍ ୮/୩ ଲକ୍ଷ କୋଟି ଟଙ୍କା ପ୍ରଦାନ କରାଯାଇଛି । ପ୍ରତିରକ୍ଷା କ୍ଷେତ୍ରକୁ ସୁଦୃଢ଼ କରିବାରେ ଏମ୍.ଏସ୍.ଏମ୍.ଇ. କ୍ଷେତ୍ର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଅବଦାନ ପ୍ରଦାନ କରୁଛି । ଆଲୋଚନା ପରେ ପ୍ରଥମ ପର୍ଯ୍ୟାୟ ଅତିରିକ୍ତ ଖର୍ଚ୍ଚଦାବି ଗୃହରେ ଅନୁମୋଦନ ଲାଭ କରିଛି ।

## ଡବ୍ଲ୍ୟୁବି ୟୁନିଭରସିଟି ବିଲ୍

ପଶ୍ଚିମବଙ୍ଗର ବିଶ୍ୱବିଦ୍ୟାଳୟଗୁଡ଼ିକର କୁଳାଧିପତି ଭାବେ ମୁଖ୍ୟମନ୍ତ୍ରୀ କାର୍ଯ୍ୟ କରିବା ସମ୍ପର୍କିତ ସଂଶୋଧନ ବିଲ୍‌କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଅଗ୍ରାହ୍ୟ କରିଛନ୍ତି । ବିଧାନସଭାରେ ରାଜ୍ୟ ବିଶ୍ୱବିଦ୍ୟାଳୟଗୁଡ଼ିକର କୁଳାଧିପତି ଭାବେ ରାଜ୍ୟପାଳଙ୍କ ବଦଳରେ ମୁଖ୍ୟମନ୍ତ୍ରୀଙ୍କ ନାମ ପ୍ରସ୍ତାବ ସମ୍ପର୍କିତ ସଂଶୋଧନ ବିଲ୍ ପାରିତ ହୋଇଥିଲା । କୋଲ୍‌କାତାସ୍ଥିତ ରାଜ୍ୟପାଳଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟପାଳ ଡକ୍ଟର ସି.ଭି. ବୋଷ ଗତବର୍ଷ ଏପ୍ରିଲ୍ ୨୦ ତାରିଖରେ ରାଷ୍ଟ୍ରପତିଙ୍କ ବିଚାରପାଇଁ ଏହି ବିଲ୍‌କୁ ସ୍ଥଗିତ ରଖିଥିଲେ ।

ପଶ୍ଚିମବଙ୍ଗର ଆଲିଆ ବିଶ୍ୱବିଦ୍ୟାଳୟର କୁଳାଧିପତି ଭାବେ ରାଜ୍ୟପାଳଙ୍କ ବଦଳରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ଥାନିତ କରିବା ସଂକ୍ରାନ୍ତ ଅନ୍ୟ ଏକ ସଂଶୋଧନ ପ୍ରସ୍ତାବକୁ ମଧ୍ୟ ରାଷ୍ଟ୍ରପତି ଅଗ୍ରାହ୍ୟ କରିଛନ୍ତି ।

## ଗଭ୍-ହଜ୍ ଆଡଭାଇଜରି

ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରଣାଳୟ ଭାରତୀୟ ଘରୋଇ ଶ୍ରଦ୍ଧାଳୁଙ୍କୁ ୨୦୨୬ ହଜ୍ ଯାତ୍ରା ପାଇଁ ଶୀଘ୍ର ଆବେଦନ କରିବାକୁ ପରାମର୍ଶ ଦେଇଛି । କେବଳ ଅଧିକାର ପ୍ରାପ୍ତ ହଜ୍ ଗୋଷ୍ଠୀ ଆୟୋଜକଙ୍କ ଏ କ୍ଷେତ୍ରରେ ସହଯୋଗ ନେବାକୁ ମନ୍ତ୍ରଣାଳୟ କହିଛି । ସାଉଦିଆରବ ପକ୍ଷରୁ ହଜ୍ ଏବଂ ଉମ୍ରା ମନ୍ତ୍ରଣାଳୟ ଦ୍ୱାରା ଆସନ୍ତାବର୍ଷ ଯାତ୍ରା ପାଇଁ ଜାରି କରାଯାଇଥିଲା ପରାମର୍ଶବଳୀ ଆଧାରରେ ଆବେଦନ କରିବାକୁ ମନ୍ତ୍ରଣାଳୟ କହିଛି । ଶେଷ ମୁହୂର୍ତ୍ତର ପରିସ୍ଥିତିକୁ ଏଡ଼ାଇବା ଏବଂ ସମସ୍ତ ବାଧ୍ୟତାମୂଳକ ପ୍ରକ୍ରିୟା ନିର୍ଦ୍ଧାରିତ ସମୟସୀମା ପୂର୍ବରୁ ଶେଷ କରିବା ଲକ୍ଷ୍ୟ ନେଇ ପଦକ୍ଷେପ ଗ୍ରହଣ କରିବାକୁ ମନ୍ତ୍ରଣାଳୟ ଶ୍ରଦ୍ଧାଳୁଙ୍କୁ କହିଛି । ଆସନ୍ତା ମାସ ୧୫ ତାରିଖ ପୂର୍ବରୁ ବୁକିଂ ଆଦି ସମାପ୍ତ କରିବାକୁ ମନ୍ତ୍ରଣାଳୟ ଶ୍ରଦ୍ଧାଳୁଙ୍କୁ ପରାମର୍ଶ ଦେଇଛି ।

## ଆର୍.ଏସ୍. - ଇଲେକ୍ଟ୍ରିଫିକେସନ୍

ପ୍ରଧାନମନ୍ତ୍ରୀ ସହଜ ବିଜ୍‌ଲି ହର୍ ଘର ଯୋଜନା ଅଧୀନରେ ମୋଟ୍ ୨ କୋଟି ୮୬ ଲକ୍ଷ ପରିବାରକୁ ବିଦ୍ୟୁତ୍ ସଂଯୋଗ ପ୍ରଦାନ କରାଯାଇଛି । ରାଜ୍ୟସଭାରେ ଗତକାଲି ଏକ ପ୍ରଶ୍ନର ଲିଖିତ ଉତ୍ତରରେ ଶକ୍ତି ରାଷ୍ଟ୍ରମନ୍ତ୍ରୀ ଶ୍ରୀପଦ

ନାଏକ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି, ଦୀନ ଦୟାଲ୍ ଉପାଧ୍ୟାୟ ଗ୍ରାମ ଜ୍ୟୋତି ଯୋଜନା ଅଧୀନରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ୪୯ ଲକ୍ଷ ୨୫ ହଜାରରୁ ଅଧିକ ପରିବାର ସହିତ ୧୮ ହଜାର ୩୭୪ ଗ୍ରାମକୁ ବିଦ୍ୟୁତ୍ ସଂଯୋଗ କରାଯାଇଛି ।

# ଏଗ୍ରିକଲଚର୍-ଫିକି

ଦେଶର ନିରନ୍ତର ବିକାଶକୁ ପ୍ରୋତ୍ସାହନ ପ୍ରଦାନ କରିବା ଏବଂ ଚାଷୀଙ୍କୁ ସିଧାସଳଖ ଭାବେ ଏହାର ସୁଫଳ ପ୍ରଦାନ କରିବା ଲକ୍ଷ୍ୟ ନେଇ ସରକାର ଏବଂ ଶିଳ୍ପ ଗୋଷ୍ଠୀ ସମ୍ମିଳିତ ପଦକ୍ଷେପ ଗ୍ରହଣ କରୁଛନ୍ତି ।  ନୂଆଦିଲ୍ଲୀରେ ଫିକି ନିରନ୍ତର କୃଷି ଏବଂ ଶିଖର ପୁରସ୍କାର  ୨୦୨୫ର ପଞ୍ଚମ ସଂସ୍କରଣକୁ ସମ୍ବୋଧନ କରି  କୃଷି ଓ କୃଷକ କଲ୍ୟାଣ ବିଭାଗର କୃଷି କମିଶନର୍ ପ୍ରବୀଣ କୁମାର ସିଂହ କହିଛନ୍ତି । କୃଷକଙ୍କ ଆୟ ବୃଦ୍ଧି କ୍ଷେତ୍ରରେ ଦେଶରେ କାର୍ଯ୍ୟକାରି ହୋଇଥିବା ବିଭିନ୍ନ ପଦକ୍ଷେପ ଗୁଡ଼ିକ ଉପରେ ଶ୍ରୀ ସିଂହ ଆଲୋକପାତ କରିଛନ୍ତି । ମୃତ୍ତିକା ସ୍ୱାସ୍ଥ୍ୟ, ଜଳଛାୟା ପରିଚାଳନା ଏବଂ ବର୍ଜ୍ୟବସ୍ତୁରୁ ଉତ୍ପାଦ କ୍ଷେତ୍ର ଆଦି ଉପରେ ସେ ଆଲୋଚନା କରିଛନ୍ତି । କୃଷି କ୍ଷେତ୍ରରେ ଭବିଷ୍ୟତ ଏବଂ ବଜାର ପ୍ରବେଶ ନେଇ କୃଷିଜୀବୀଙ୍କୁ ଆବଶ୍ୟକ ତାଲିମ୍ ପ୍ରଦାନ କରିବା ଉପରେ ସେ ଗୁରୁତ୍ୱ ପ୍ରଦାନ କରିଛନ୍ତି ।

# କ୍ରିକେଟ୍

୧୯ ବର୍ଷରୁ କମ୍ ଏସିଆକପ୍ କ୍ରିକେଟ୍ ପ୍ରତିଯୋଗିତାର ଏକ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍‌ରେ ଆଜି ଭାରତ-ମାଲେସିଆ ପରସ୍ପରକୁ ଭେଟିବେ । ଦୁବାଇଠାରେ ଏହି ମ୍ୟାଚ୍ ଭାରତୀୟ ସମୟ ପୂର୍ବାହ୍ନ ସାଢ଼େ ୧୦ଟାରେ ଆରମ୍ଭ ହେବ । ଆୟୁଷ ମାହାତ୍ରେଙ୍କ ନେତୃତ୍ୱାଧୀନ ଦଳ ବିଜୟ ଅଭିଯାନକୁ ଜାରି ରଖିବେ ବୋଲି ଆଶା କରାଯାଉଛି । ଗତ ରବିବାର ଦିନ ଭାରତ' ପାକିସ୍ତାନକୁ ୯୦ରନ୍‌ରେ ପରାସ୍ତ କରିଥିଲା ।